# ବାଲି ବୋଝେଇ ହାଇୱା ଜବତ



ଭଣ୍ଡାରିପୋଖରୀ, ୧୭।୭ (ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ନାଆଁମୀ ତୋଟାସାହି ରାସ୍ତାରେ ଏକ ବେଆଇନ ବାଲି ବୋଝେଇ ହାଇୱାକୁ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ବେହେରା ବୁଧବାର ଜବତ କରିଛନ୍ତି। ସୂଚନା ମୁତାବକ ହାଇୱା (ନଂ. ଓଡି ୨୨ ଟି ୨୩୭୯) ବୈତରଣୀ ନଦୀରୁ ଚୋରାରେ ବାଲି ଉଠାଣ କରି ନିଳୋକ ଆଡ଼କୁ ଯାଉଥିଲା। ଛଡାବର-ନିଳୋକ ପୂର୍ତ୍ତ ରାସ୍ତାର ନାଆମୀ ଗ୍ରାମ ତୋଟାସାହି ଛକରେ ପୋଲିସ ଯାଞ୍ଚ ବେଳେ ଧରାପଡ଼ିଥିଲା। ବାଲି ଚାଲାଣ ନେଇ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ହାଇୱାକୁ ଥାନାରେ ଅଟକ ରଖାଯାଇଛି।

# ସହର ପରିକ୍ରମା କଲା ୩୫ କାଫେଲା

ଭଦ୍ରକ, ୧୭।୭ (ସନାତନ ରାଉତ)

ଭାଇଚାରା ସହର ଭଦ୍ରକରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ମହରମ ପର୍ବ ତଥା 'ୟାଦେ ହୋସେନ' ମହାସମାରୋହରେ ପାଳିତ ହୋଇଛି। ବୁଧବାର ଚନ୍ଦ୍ରର ଦଶମ ଦିନରେ (ୟମେ-ଆସୁରା) ପର୍ବ ତଥା ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ ହୋସେନ ଇରାକ ପ୍ରଦେଶର 'କରବଲା' ମଇଦାନରେ ସହିଦ ହୋଇଥିଲେ। ଏହି ସହିଦ ଦିବସକୁ ସମଗ୍ର ପୃଥିବୀରେ 'ୟାଦେଁ ଇମାମ ହୋସେନ' ପର୍ବ ଭାବେ ପାଳନ କରାଯାଉଛି। ଏହି ଅବସରରେ ସନ୍ଧ୍ୟାରେ ମୁସଲିମ ସମ୍ପ୍ରଦାୟର ବିଭିନ୍ନ ସାହି ବସ୍ତିରୁ ୩୫ଟି କାଫେଲା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଗୋଟିଏ କାଫେଲା ଚରମ୍ପାରେ ରହିଥିଲା। ୭ଟି କାଫେଲା ନଙ୍ଗାମହଲ୍ଲା, ସଛିଆ, କାଜିସାହି, ହଜାରୀନଗର, ଏଲଖା, ସାହାପୁର, କଚେରି ରାସ୍ତା ପରିକ୍ରମା କରି ଗୋଶାଳା ଛକ ଦେଇ ନଙ୍ଗାମହଲ୍ଲା ମସଜିଦ୍ ସାମ୍ନାରେ ପହଞ୍ଚିଥିଲା। ୫ଟି କାଫେଲା ଚନ୍ଦନବଜାର ହୋଇ ଲାହାପଛି



ସୁସଜ୍ଜିତ କାଫେଲା

ଦେଇ ପୁରୁଣାବଜାର ପହଞ୍ଚିଥିଲେ ଏବଂ ଅବଶିଷ୍ଟ ୨୨ଟି ବାଙ୍କା ଛକ, ଅଲାଲପୁର, ପୁରୁଣାବଜାର, ହେଲାସାହି ଛକ ଦେଇ ମଦିନା ମଇଦାନରେ ପହଞ୍ଚିଥିଲା। କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ମଦିନା ମଇଦାନରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୌଲାନା (ପଣ୍ଡିତ) ଓ ସାଏର (କବି)ମାନେ ଯୋଗଦାନ କରି ହଜରତ ଇମାମ ହୋସେନଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଭଦ୍ରକ ମୁସଲିମ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ମହରମ କମିଟିର ସଭାପତି ଜମିଲ ଅଖତର ଖାନ, ସାଧାରଣ ସମ୍ପାଦକ ଅଖତର ଅଲି ଖାନ ଏବଂ ମୁସଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ସମ୍ପାଦକ ଶେଖ ସିରାଜୁଦ୍ଦିନ, ଉପ ସଭାପତି ମହମ୍ମଦ ଜକାଉଲ୍ଲା, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାଁ, ହାଜୀ ଅବୁ ହୋସେନ ଖାଁ, ହାଜୀ ସବ୍‌ବିର ଅଲି, ହାଜୀ ମତଲୁବ ଅଲୀ, ହାଜୀ ତବାରକ ଅଲି, ମିଡିଆ

## ଭଦ୍ରକରେ ମହରମ ପର୍ବ

ସେଲ ସଂଯୋଜକ ଶେଖ୍ ଅନୱର (ବାବୁ), ଅସରଫ ଅଲି ଖାଁ, ଶେଖ ହବିବୁଲ୍ଲା, ଶେଖ ଅବୁକଲାମ, ଜାୱେଦ ଅଖତର, ଗୋଲାମ ମୋହିଦ୍ଦିନ, ହାଜୀ ଅନୱର ହୋସେନ, ହାଜି କାଶିମ ଖାଁ, ଏସ୍‌ଏମ୍ ଫାରୁକ୍, ମିର୍ଜା ଏକ୍ରାମ ବେଗ, ହାଜି ମନାୱର ହୋସେନ, ହଇଦର ଖାଁ, ଅଲାଉଦ୍ଦିନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ୨୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଗତ ୮ ତାରିଖ ସୋମବାରଠାରୁ ଗତ ୧୬ ପର୍ଯ୍ୟନ୍ତ ହଜରତ ଇମାମ ହୋସେନଙ୍କ ଜୀବନୀ ଓ କରବଲାର ବିବରଣୀର ନୀତିବାଣୀ ଓ କବିତା ପାଠ ମସ୍‌ଜିଦ୍‌ର ଇମାମଙ୍କ ଦ୍ୱାରା କରାଯାଇଥିଲା। ଭଦ୍ରକର ସମସ୍ତ ମସଜିଦ ରଙ୍ଗ ବେରଙ୍ଗ ଆଲୋକ ସଜା ସହ ଘରେ ଘରେ ଉପବାସ ଓ ନମାଜ ପାଠ କରାଯାଇଥିଲା।

# ଆଖଡ଼ା ଦଳ ମଧ୍ୟରେ ବାଡ଼ିଖେଳ ପ୍ରତିଯୋଗିତା




ଅନୁଷ୍ଠିତ ବାଡ଼ି ଖେଳ।

ଧାମନଗର, ୧୭।୭ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସି ଅଞ୍ଚଳରେ ଜସନେ ୟାଦେ-ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପବିତ୍ର ମହରମ ପର୍ବ ବୁଧବାର ପାଳିତ ହୋଇଯାଇଛି। ବିଭିନ୍ନ ସାହିବସ୍ତିରୁ ଜୁଲୁସ ଓ ଆଖଡ଼ା ୧୭ଟି ଦଳ ପଠାଣ ମହଲା, କୋରେସି ମହଲା, ବଜାର ସାହି, ମୁଲଣାସାହି, ବାଉଁଶବାଡ଼ି, ବଜାରସାହି, କାଜିମହଲା, ଜଗତି, ମୁନସିପାଟଣା, ମିନି ଷ୍ଟାଡିୟମ ହବିବ ନଗର, ବଣିଆ ସାହି ଆଦି ପରିକ୍ରମା କରିଥିଲେ। ୧୪ଟି ଆଖଡ଼ା ଦଳ ଟ୍ରେକ୍‌ର ଷ୍ଟାଣ୍ଡ ଏବଂ ବିଜୁ ପଟ୍ଟନାୟକ ଛକ ୨ଟି ସ୍ଥାନରେ ବାଡ଼ି ଓ କୁସ୍ତି ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଧାମନଗରସ୍ଥିତ କରବଲା ମଇଦାନ ପରିସରରେ ବିଜେଡି ନଗର ଯୁବ ସଭାପତି ସେକ୍ ସୈଫୁଦ୍ଦିନଙ୍କ ଅଧ୍ୟକ୍ଷତାରେ ବାଡ଼ିଖେଳ ପ୍ରତିଯୋଗିତା ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଏମ୍‌ଡି ତାଜୁଦ୍ଦିନ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଏମ୍‌ଡି ଇଜହାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦୋବଲ, ମୁସ୍ତଫାପୁର, ପିଟେଇପୁର, ଚୁଡ଼ାକୁଟି, ଗୁଡ଼ିପୋଖରୀ, ପନ୍ଦରବାଟିଆ, ନଦୀଗାଁ ଆଦି ଅଞ୍ଚଳରେ ଏହି ପର୍ବ ପାଳନ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପି ବାମଦେବ ସିଂ, ଡିଏସ୍‌ପି ରମାକାନ୍ତ ସାହୁ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧାମନଗର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ଛକ ବଜାରରେ ପୋଲିସ ଓ ୪ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ଶାନ୍ତି କମିଟର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, କୈଳାସ ଚନ୍ଦ୍ର ମହାପାତ୍ର, ଗୋଲାମ ଜିଲାନି ହବିବି, ସେକ୍ ଅବଦୁଲ ହାକିମ, ସେକ ଜାଫର ଅଲ୍ଲୀ, କୃଷ୍ଣ ଚନ୍ଦ୍ର ଜେନା, ସେକ୍ ରୋସ୍ତମ, ସେକ ତାରବାବୁ ପ୍ରମୁଖ ସାମିଲ ଥିଲେ।

# ଭଦ୍ରକ ରୋଟାରି କ୍ଲବର ସାମାଜିକ କାର୍ଯ୍ୟକ୍ରମ

ଭଦ୍ରକ, ୧୭।୭ (ରବିନାରାୟଣ ଖିଲାର)

ଭଦ୍ରକର କଳ୍ପନା ଦେବୀ ଜରାନିବାସରେ ରୋଟାରି କ୍ଲବ ଓ ଇନର ହ୍ୱିଲ କ୍ଲବ ପକ୍ଷରୁ ମିଳିତ ଭାବେ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜରାନିବାସରେ ଶୁଖିଲା ଖାଦ୍ୟ, ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ଏହାସହିତ ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରାଯାଇଥିଲା। ଭଦ୍ରକ ରୋଟାରି କ୍ଲବର ସଭାପତି ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ଆୟୋଜିତ ସାମାଜିକ ସେବା କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ଇନ୍ଦ୍ରଜିତ, ପୂର୍ବତନ ସମ୍ପାଦକ ମଙ୍ଗିଲାଲ, ଅନିମା ନାୟକ, ସ୍ନେହଲତା ବେହେରା, ଅଞ୍ଜନା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କଳ୍ପନା ଦେବୀ ଜରାନିବାସର ପ୍ରତିଷ୍ଠାତା ଡା.ହରେକୃଷ୍ଣ ନାୟକ ରୋଟାରି କ୍ଲବ ଓ ରୋଟାରିଆନମାନଙ୍କୁ ଏହି ଜନମଙ୍ଗଳ କାର୍ଯ୍ୟକ୍ରମ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ଜରାନିବାସର ସମସ୍ତ ସଦସ୍ୟ ଓ ଅନ୍ତେବାସୀମାନେ ସହଯୋଗ କରିଥିଲେ।




ଜରାନିବାସ ଅନ୍ତେବାସୀଙ୍କ ସହ ରୋଟାରି ଓ ଇନର ହ୍ୱିଲ୍ କ୍ଲବର କାର୍ଯ୍ୟକର୍ତ୍ତାମାନେ।

# ଭାଜପା ଯୁବ ମୋର୍ଚ୍ଚା ନେତାଙ୍କୁ ହତ୍ୟା ଧମକ

ଚାନ୍ଦବାଲି, ୧୭।୭ (କିଷାନ ପାତ୍ର)

ଭଦ୍ରକ ଜିଲାରେ ଚୋରା କୋଇଲା କାରବାର ବୃଦ୍ଧି ସାଙ୍ଗକୁ କୋଇଲା ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ରାତିରେ କୋଇଲା ମାଫିଆମାନେ ଚାନ୍ଦବାଲି,ପୀରହାଟ, ଗଦି, ମତୋ, ଦିଗଛିଆ, ଘଣ୍ଟେଶ୍ୱର ଆଦି ବଜାରରେ ଆଡ୍ଡା ଜମାଇବା ସହ ଚୋରା ଚାଲାଣକୁ ବିରୋଧ କରୁଥିବା ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଗତ ସୋମବାର ବିଳମ୍ବିତ ରାତିରେ ଚାନ୍ଦବାଲି କାଳୀମନ୍ଦିର ନିକଟରେ ସ୍ଥାନୀୟ କିଛି ଯୁବକ ଭଦ୍ରକ ଆଡୁ ଆସୁଥିବା ଦୁଇଟି ୧୬ ଚକିଆ ଟ୍ରକ୍ (ନଂ. ଓଡି ୦୫ ଏଆର୍ ୯୯୩୧ ଏବଂ ଓଡି ୦୫ ଏଆର୍ ୯୮୩୧) କୁ ସନ୍ଦେହରେ ଅଟକାଇବାରୁ ଡ୍ରାଇଭର ଗାଡି ଛାଡି ଦୌଡ଼ି ପଳାଇଥିଲେ। ଏହି ସମୟରେ ଭାଜପା ଯୁବ ନେତା ନେତା ବିଜୟ ବେହେରା ତାଙ୍କର ସହଯୋଗୀମାନଙ୍କ ସହ ମତୋରୁ ଫେରୁଥଲେ। ରାସ୍ତା ମଝିରେ ଦୁଇଟି ଟ୍ରକ ଥିବା ଦେଖି ଚାନ୍ଦବାଲି ଥାନାଧିକାରୀ ଓ ଚାନ୍ଦବାଲି ଏସ୍‌ଡିପିଓଙ୍କୁ ଫୋନରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୁଚିଥିବା ୨ ଡ୍ରାଇଭରଙ୍କୁ ଗିରଫ କରିବା ସହ ଗାଡ଼ି ଦୁଇଟିକୁ ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ମତୋ



ଜବତ କୋଇଲା ବୋଝେଇ ଗାଡ଼ି।

■ ଥାନାରେ ଏତଲା

■ ୨ ଚୋରା କୋଇଲା ଟ୍ରକ୍ ପୋଲିସ ଜିମା ଦେଲେ ଲୋକେ

ଅଞ୍ଚଳର ଦେବାଶିଷ ରାଉତ ଓ ତାଙ୍କ ସହ ୩୦ରୁ ଊର୍ଦ୍ଧ୍ୱ କୋଇଲା ବ୍ୟବସାୟୀ ଚାନ୍ଦବାଲି ବସ୍ ଷ୍ଟାଣ୍ଡ ନିକଟରେ ବିଜୟଙ୍କୁ ହତ୍ୟା ଧମକ ଦେଇଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ପରେ ବିଜୟଙ୍କ କାଳୀମନ୍ଦିର ନିକଟ ଘରେ ମଧ୍ୟ ମାଫିଆମାନେ ପହଞ୍ଚି ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତାଙ୍କ ସହ ଏନ୍‌ଏସି ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ମହାନ୍ତି, ନାଲୁଗୁଣ୍ଡା ସମିତିସଭ୍ୟ ଅଭୟ ବଳ, ଆରଡ଼ି ଜୋନ ଯୁବ ସଭାପତି ବିଜୟ ପାଢ଼ୀ, ରମାକାନ୍ତ ଭୋଳ, ଉଦୟକେତନ ବିଶ୍ୱାଳ, ଚନ୍ଦନ ଦାସ, ମଳୟ ନାୟକ, ରୂପକ ବଳ, ଗଣେଶ ଦାସ, କମଳାକାନ୍ତ ସୂତାର ପ୍ରମୁଖ ଥାନାରେ ଅଭିଯୋଗ ବେଳେ ଉପସ୍ଥିତ ଥିଲେ। କିଛି ଦିନ ତଳେ ଭାଜପା ନେତା ଦିଲ୍ଲୀପ ଭୋଇଙ୍କ ଘର ଉପରେ ମଧ୍ୟ ଦେବାଶିଷ ରାଉତ ଓ ଅନ୍ୟ କୋଇଲା ମାଫିଆମାନେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଭାଜପା ଯୁବମୋର୍ଚ୍ଚା ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛି। ବିଜୟଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ନିଜ ତରଫରୁ ଅନ୍ୟ ଏକ ମାମଲା ରୁଜୁ କରିଛି।

# ଦ୍ୱିତୀୟ ଦିନରେ ଟୋଲପ୍ଲାଜା କର୍ମଚାରୀଙ୍କ ଧାରଣା

ଭଣ୍ଡାରିପୋଖରୀ, ୧୭।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନାରାୟଣପୁର-ଭାଗଡା ଟୋଲଗେଟ କର୍ମଚାରୀଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଓ ବିଧାୟକ ସଞ୍ଜୀବ ମଲ୍ଲିକ ଧାରଣାକୁ ସମର୍ଥନ ଜଣାଇଛନ୍ତି। ବୁଧବାର ଧାରଣାସ୍ଥଳରେ ଭାଜପା ନେତା ଡ. ନାୟକ ପହଞ୍ଚି ଶ୍ରମ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଦାବିପୂରଣ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ବରିଷ୍ଠ ନେତା ନିର୍ମଳ କର, ବାବାଜୀ ଜେନା, ଜିଲା ଉପସଭାପତି ଜଗବନ୍ଧୁ ଦାସ, ମଣ୍ଡଳ ସଭାପତି ଗିରିଶ ସାମଲ, ଯୁବନେତା ପ୍ରଶାନ୍ତ ନାୟକ, ଅଶୋକ ରାଉତ, ରଙ୍ଗାଧର ରାଉତ, ଦିଲ୍ଲୀପ ସାହୁ, ନବକିଶୋର ବିଶ୍ୱାଳ, ଗଣେଶ ଜେନା, ସଞ୍ଜୟ ସେନାପତି ପ୍ରମୁଖ ଟୋଲ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

ସେହିପରି ବିଧାୟକ ମଲ୍ଲିକ ଟୋଲପ୍ଲାଜା କର୍ମଚାରୀଙ୍କ ଦାବି ବିଷୟରେ ଜିଲାପାଳ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା

## ସମର୍ଥନ ଜଣାଇଲେ ଭାଜପା ନେତା ଓ ବିଧାୟକ

କରିଥିଲେ। ଗୁରୁବାର ଜିଲା ପ୍ରଶାସନ ଟୋଲଗେଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମାଧାନ ପନ୍ଥା ନିର୍ଦ୍ଧାରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ବିଜେଡ଼ି ନେତାମାନେ ବିଧାୟକଙ୍କ ସହ ଉପସ୍ଥିତ ଥିଲେ। ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ କମଳାକାନ୍ତ ପରିଡ଼ା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା, ଭଗବାନ ସାମଲ, ପର୍ଶୁରାମ ରାୟ, ପ୍ରବୀର କୁମାର ରାଉତ, ମୃତ୍ୟୁଞ୍ଜୟ ମହାପାତ୍ର, ନିଗମାନନ୍ଦ ଯେନା, ଭବାନୀ ଶଙ୍କର ନାୟକ ପ୍ରମୁଖ ୭୦ ଜଣ କର୍ମଚାରୀ ଧାରଣାରେ ବସିଛନ୍ତି। ସର୍ବନିମ୍ନ ମଜୁରୀ ଆଧାରରେ ମଜୁରୀ ପ୍ରଦାନ, ଭବିଷ୍ୟନିଧି ଓ ଇଏସ୍‌ଆଇ ସୁବିଧା ଆଦି ୫ ଦଫା ଦାବିରେ ଧାରଣା ଦିଆଯାଇଛି। ଟୋଲଗେଟ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଧାରଣା ଅବ୍ୟାହତ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୧୭।୭ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପରିସରରେ ଥିବା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଦିବସବ୍ୟାପି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲକ୍ଷ୍ମୀ ନାରାୟଣଙ୍କ ବିଗ୍ରହ ଓ ମନ୍ଦିରକୁ ସୁସଜ୍ଜିତ କରାଯିବା ସହ ସକାଳେ କଳସ ବୁଡ଼ାଯାଇଥିଲା। ଯାଜ୍ଞିକ ପଣ୍ଡିତମାନେ ଲକ୍ଷ୍ମୀନାରାୟଣଙ୍କ ସ୍ୱତନ୍ତ୍ର ପୂଜା ପାଠ ସହ ଯଜ୍ଞ, ଗୀତାପାଠ, ବେଦପାଠ ଆଦି ପୂଜାବିଧି କରିବା ପରେ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ମନ୍ଦିରର ପୂଜକ ଅନନ୍ତ ଶତପଥୀ, ପଣ୍ଡିତ ଭାଗବତ ଅଗସ୍ତି, ଜଗନ୍ନାଥ ଷଡ଼ଙ୍ଗୀ, ହେମନ୍ତ ଶତପଥୀ, ଦାମୋଦର ପାଢ଼ୀ ତୁଲାଇଥିଲେ। ଯଜ୍ଞରେ କର୍ତ୍ତା ଭାବେ ବିଡିଓ ସଞ୍ଜୀବ କୁମାର ସାହୁ, ରତିକାନ୍ତ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ତିଳୋତ୍ତମା ସ୍ୱାଇଁ, ଦାଶରଥୀ ସାମଲ, ବୈଦେହୀ ସାମଲ, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ବିଶ୍ୱାଳ, ସାମାଜିକକର୍ମୀ ବାଣୀକଲ୍ୟାଣ ମହାନ୍ତି, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳଙ୍କ ସମେତ ବ୍ଲକ ଏଇଇ ଆନିଷ ସୁବୁଦ୍ଧି ରାୟ, ବ୍ଲକ କର୍ମଚାରୀ ଓ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗ ଦେଇଥିଲେ।

# ରଞ୍ଜନଙ୍କ ଚିକିତ୍ସାରେ ଅର୍ଥ ବାଧକ

ବନ୍ତ, ୧୭।୭ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଟାଇଗୁଣା ଗ୍ରାମର ରଞ୍ଜନ କୁମାର ଜେନା(୫୦)ଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ଏଥିନେଇ ପରିବାର ଲୋକେ ଦୁଃଖରେ କାଳାତିପାତ କରୁଛନ୍ତି। ପ୍ରକାଶ ଯେ, ସ୍ତ୍ରୀ ସୁନାରାଣୀ ଓ ଦୁଇ ପୁଅଙ୍କୁ ନେଇ ରଞ୍ଜନଙ୍କ ପରିବାର ବେଶ ହସ ଖୁସିରେ ଚାଲୁଥିଲା। ସେ ବନ୍ତ ଓ ହାଟଡିହୀ ବ୍ଲକ ସୀମାବର୍ତ୍ତୀ ବିରଞ୍ଚି ନାରାୟଣ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ତାଙ୍କର ଜଣେ ପୁଅ ଯୁକ୍ତ ୨, ଅନ୍ୟ ଜଣେ ଆଇଟିଆଇରେ ପାଠ ପଢୁଥିଲେ। ଗତ ୧ ବର୍ଷ ତଳେ ସେ ବିଦ୍ୟାଳୟକୁ ଯିବା ରାସ୍ତାରେ ବାଇକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ସେ ଭଦ୍ରକ ଓ କଟକର ବିଭିନ୍ନ ଡାକ୍ତରଖାନା ବୁଲିବା ପରେ ଶେଷରେ ଗତ ୪ମାସ ତଳେ ଭୁବନେଶ୍ୱରସ୍ଥିତ ଏମ୍‌ସ୍‌ରେ ଅସ୍ତ୍ରୋପଚାର କରାଇଥିଲେ ମଧ୍ୟ ଯନ୍ତ୍ରଣା ଦ୍ୱିଗୁଣିତ ହୋଇଥିଲା। ସେ ଏବେ ଶଯ୍ୟାଶାୟୀ ଅଛନ୍ତି। ଅଧିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଅର୍ଥାଭାବ ଯୋଗୁ ଦୁଇ ପୁଅଙ୍କ ପାଠ ପଢା ବନ୍ଦ ହୋଇଯାଇଛି। ଔଷଧ କିଣିବା, ଘର ଚଳାଇବା ସହ ଧାରକରଜ ଚିନ୍ତା ପରିବାର ପାଇଁ ବୋଝ ହୋଇଯାଇଛି। ଖବର ପାଇ ହାଟଡିହୀ ଅଞ୍ଚଳର ସାମାଜିକକର୍ମୀ ସୁବୋଧ କୁମାର ସାହୁ ରଞ୍ଜନଙ୍କୁ ଭେଟି ସମବେଦନା ଜଣାଇବା ସହ ଉତ୍ତମ ଚିକିତ୍ସା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସହଯୋଗ କାମନା କରିଛନ୍ତି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପିଙ୍କୁ ଭେଟିଲେ

ଭଦ୍ରକ, ୧୭।୭ (ସନାତନ ରାଉତ)

## ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦଇପୁର ୫ନଂ. କେନାଲ କଲଭର୍ଟ ନିକଟରେ ଗତ ଗୁରୁବାର ସକାଳେ ଏକ ନିମ୍ବ ଗଛରୁ ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା(୬୦)ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତଦେହ ଝୁଲୁଥିବା ସ୍ଥାନଠାରୁ ପ୍ରାୟ ୧ କି.ମି. ଦୂରରେ କେନାଲ କଡ଼ରେ ତାଙ୍କ ବାଇକ୍ ପଡ଼ିଥିଲା। ପିନ୍ଧିଥିବା ସାର୍ଟ, ହେଲମେଟ ଓ ଚଷମା ମାତ୍ର କିଛି ଦୂରରେ ପଡ଼ିଥିଲା। ସୁରେନ୍ଦ୍ରଙ୍କୁ ପୂର୍ବଶତ୍ରୁତାରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଉର୍ବଶୀ ପଣ୍ଡା ଗୁରୁବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ ୩୨୩/୨୪) ରୁଜୁ ହୋଇଥିଲା। ମୃତ୍ୟୁର ୭ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିବା ବେଳେ ମୃତଦେହ ଉଦ୍ଧାର କରାଯାଇଥିବା ଗଛ କାଟି ଦିଆଯାଇଛି। ଜେସିବି ଦ୍ୱାରା କେନାଲ ବନ୍ଧରେ ଉକ୍ତ ସ୍ଥାନରେ ମାଟି ପକାଇ ସମାନ କରାଯାଇଛି। ସମସ୍ତ ପ୍ରମାଣ ନଷ୍ଟ କରିବା ପାଇଁ ଏପରି କରାଯାଇଛି ବୋଲି ମୃତ ସୁରେନ୍ଦ୍ରଙ୍କ ପରିବାର ବୁଧବାର ଭଦ୍ରକ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସେମାନେ ଏସ୍‌ପିଙ୍କଠାରେ ଦାବି କରିଛନ୍ତି। ଏହା ସହ ମୃତ୍ୟୁ ପୂର୍ବରୁ ସୁରେନ୍ଦ୍ର ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଜିଲାପାଳ, ଏସ୍‌ପି, ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ପଠାଇଥିବା ତାଙ୍କ ପୁଅ ଦେବଦୀପ ପଣ୍ଡା ଓ ଝିଅ ସ୍ମୃତି ମୋନାଲିସା ପଣ୍ଡା ଗଣମାଧ୍ୟମ ଆଗରେ କହିଛନ୍ତି। ଉକ୍ତ ଚିଠିରେ ତାଙ୍କୁ ମାରିବା ପାଇଁ ଯୋଜନା କରୁଥିବା ୧୬ ଜଣଙ୍କ ନାମ ଉଲ୍ଲେଖ କରିଥିଲେ। ପୂର୍ବରୁ ସେମାନେ ଦୁଇଥର ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସେ ଖସି ଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ପୋଲିସକୁ ଜଣାଇବା ପରେ ତାଙ୍କ ବାପାଙ୍କୁ ସୁରକ୍ଷା ଦିଆଯାଇଥିଲେ ସେ ଆଜି ବଞ୍ଚିଥାନ୍ତେ ବୋଲି ତାଙ୍କ ପରିବାର ଲୋକ କହିଛନ୍ତି।

ପ୍ରକାଶ ଥାଉକି, ସୁରେନ୍ଦ୍ର ଧୂଷୁରୀ ପଞ୍ଚାୟତ ବିବି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଆଉ ମାସେ ପରେ ସେ ଅବସର ଗ୍ରହଣ କରିଥାଆନ୍ତେ। ଗତ ବୁଧବାର କୌଣସି ଏକ କାମରେ ବାହାରକୁ ଯାଇ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ପରଦିନ ସକାଳେ ତାଙ୍କ ମୃତଦେହ କେନାଲ କଡ଼ ନିମ୍ବଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା।




ଏସ୍‌ପି ଅଫିସ ସମ୍ମୁଖରେ ମୃତ ଶିକ୍ଷକଙ୍କ ପରିବାର ଲୋକେ।

# 'ଅଗଷ୍ଟ ୧୫ ସୁଦ୍ଧା ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କର'

## ରୋଗୀ କଲ୍ୟାଣ ସମିତି ବୈଠକ

ବାସୁଦେବପୁର, ୧୭।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନା ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ନବ ନିର୍ବାଚିତ ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଅଶୋକ ଦାସଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଧାୟକ ଦାସ ଡାକ୍ତରଖାନାର ବାହ୍ୟ ଓ ଆଭ୍ୟନ୍ତରୀଣ ପରିସର ବୁଲି ଦେଖିବା ସହ ୫-ଟିରେ ଅସମ୍ପୂର୍ଣ୍ଣ କାର୍ଯ୍ୟର ସମୀକ୍ଷାକରି ଆସନ୍ତା ୧୫ ସୁଦ୍ଧା କାର୍ଯ୍ୟ ସାରିବାକୁ କହିଥିଲେ। ଏଥିସହ ଡାକ୍ତରଖାନାର ଡ୍ରେନେଜ ସମସ୍ୟାରେ କିପରି ସୁଧାର ଆସିବ, ଖାଲି ପଡ଼ିଥିବା ଡାକ୍ତର, କର୍ମଚାରୀ ପଦବୀ କିପରି ପୂରଣ ହେବ ସେ ଦିଗରେ ଗୁରୁତ୍ୱ ଦେଇଥିଲେ। ଡାକ୍ତରଖାନାର ବିଭିନ୍ନ ବାହ୍ୟ, ଆଭ୍ୟନ୍ତରୀଣ ସମସ୍ୟା, ପୂର୍ବବର୍ଷରେ ହୋଇଥିବା ବ୍ୟୟ ଓ ଚଳିତ ବର୍ଷରେ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ପରେ ଡାକ୍ତରଖାନାର ସମସ୍ୟା ସମାଧାନ ପାଇଁ ଜନସାଧାରଣ, ଡାକ୍ତର, କର୍ମଚାରୀ ତଥା ସବୁସ୍ତରରୁ ସହଯୋଗ ଲୋଡ଼ା ବୋଲି ବିଧାୟକ ଅଶୋକ କୁମାର ଦାସ ମତ ରଖିଥିଲେ। ସବୁ ସମସ୍ୟାର ସମାଧାନ ପାଇଁ ସେ ସବୁମତେ ଚେଷ୍ଟା କରିବେ ବୋଲି କହିଥିଲେ। ୫-ଟି କାର୍ଯ୍ୟ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କିପରି ରୋଗୀମାନେ ଅସୁବିଧା ଭୋଗୁଛନ୍ତି ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ ମତ ରଖିଥିଲେ। ସମସ୍ୟା ପାଇଁ ଠିକାଦାର ଓ ଯନ୍ତ୍ରୀ ତଥା ଏଇଇଙ୍କୁ ଦାୟୀ କରାଯାଇଥିବା ବେଳେ ଡାକ୍ତରଖାନାରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ବିଧାୟକ ଦାସ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଯୋଗଦେଇ ରାଜ୍ୟ ସରକାରଙ୍କ ରୂପାନ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ଏହା ସମ୍ପୂର୍ଣ୍ଣ ହେବାକୁ ଆଉ କିଛି ଦିନ ସମୟ ଲାଗିବ। ସେଥିନିମନ୍ତେ ଠିକାଦାର ଓ ଯନ୍ତ୍ରୀ, ଏଇଇଙ୍କୁ ତାଗିଦା କରାଯାଉଛି ବୋଲି ବୈଠକରେ ମତ ରଖିଥିଲେ। ଏଥିସହ ସେବା ଓ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଡିଓ ସଞ୍ଜୀବ ସାହୁଙ୍କ ସମେତ ଡାକ୍ତରଖାନା ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକଟି ଆରୋପ ପ୍ରତ୍ୟାରୋପ ମଧ୍ୟରେ ଶେଷ ହୋଇଥିବା ବେଳେ ନୂତନ ଭାବେ ମନୋନୀତ ୪ ଜଣଙ୍କୁ ରୋଗୀ କଲ୍ୟାଣ ସମିତିସଭ୍ୟ ଭାବେ ଗ୍ରହଣ କରାଯାଇଥିଲା।




ବୈଠକରେ ଯୋଗଦେଇଥିବା ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ।

**ବାଲି ବୋଝେଇ ଟ୍ରାକ୍ଟର ଥାନାରେ ଅଟକ**

କାଳିପଦା,(ରାଜଶ୍ରୀ ପାଣିଗ୍ରାହୀ)-ଦିନ ଦ୍ୱିପ୍ରହରରେ ବାଲିଆପାଳରେ ଚୋରାଚାଲାଣକାରୀମାନେ ଖୁଲମଖୁଲା ଭାବେ ବାଲି ଚାଲାଣ କରିବାରେ ଲାଗିପଡ଼ିଛନ୍ତି। ବାଲିଆପାଳ ଥାନା ଗୁନାପୁରଠାରେ ବୁଧବାର ସକାଳେ ବାଲିଆପାଳ ପୋଲିସ ଚଢ଼ାଉ କରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖିଛନ୍ତି। ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଏବଂ ତାଙ୍କର ଟିମ୍ ସହ ଚଢ଼ାଉ କରିଥିଲେ। ଏହି ଗାଡ଼ି କାଳିଚରଣ ରଣା ବଡ଼ାପାଳ ଗ୍ରାମର ବୋଲି ଜଣାପଡ଼ିଛି।



# ସରିଲା ବାହୁଡ଼ା ଯାତ୍ରା, ନୀଳାଦ୍ରି ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

**ନୀଳଗିରି, ୧୭।୭(ପ୍ରଶାନ୍ତ ବିଶ୍ୱାଳ)**



ନୀଳଗିରି ବାହୁଡ଼ା ଯାତ୍ରା।

ବାଲେଶ୍ୱର ଜିଲା ନୀଳଗିରିରେ ସରିଲା ବାହୁଡ଼ା ଯାତ୍ରା। ଗୋଟି ପହଣ୍ଡିରେ ମନ୍ଦିରକୁ ନିଳାଦ୍ରି ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ପରମ୍ପରା ଅନୁସାରେ ଦୁଇ ଦିନ ଧରି ନୀଳଗିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଶ୍ରଦ୍ଧାଳୁ ରଥଟାଣି ରଥଦାଣ୍ଡ ଶଙ୍କରାଖୁଣ୍ଟା ପୋଖରୀ ପାର୍ଶ୍ୱରେ ପହଞ୍ଚାଇଥିଲେ। ଅଧାବାଟରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ବିତାଇବା ପରେ ଶେଷଦିନ ବୁଧବାର ପୂର୍ବାହ୍ନରୁ ହଜାର ହଜାର ଶ୍ରଦ୍ଧାଳୁ ରଥ ଉପରେ ଚଢ଼ି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଅପରାହ୍ନରେ ପୁଣି ଥରେ ବାହୁଡ଼ାଯାତ୍ରା ଆରମ୍ଭ ହୋଇଥିଲା। ସେବାୟତ, ଭକ୍ତ, ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ଦେଇ ଢୋଲ, ମହୁରୀ, ଶଙ୍ଖ, ହୁଳହୁଳି ପକାଇ ରଥକୁ ଟାଣି ମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ସହକାରୀ ଜିଲାପାଳ ରଞ୍ଜନ କୁମାର ସେନାପତି ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ଶରତ ଦାସ ଧାରା ବିବରଣୀ ପ୍ରକାଶ କରିଥିଲେ। ବାହୁଡା ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବିଜେଡି ରାଜ୍ୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପଜିଲାପାଳ ମନ୍ଦରଧର ମାହାଳିକ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ରାଜ୍ୟ ଯୁବ ବିଜେଡ଼ି ସଭାପତି ଶୁଭେନ୍ଦ ଦାସ ମଙ୍ଗରାଜ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ବିଡିଓ ରାହୁଲ ମଣ୍ଡଳ ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯଥା ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣ ବନ୍ଦାପନା, ଅଧରପଣା, ଦକ୍ଷିଣାୟନ ବନ୍ଦାପନା, ରାଜାରାଜେଶ୍ୱରୀ ବେଶ, ନିଳାଦ୍ରୀ ବିଜେ, ମା' ଲକ୍ଷୀଙ୍କ ମାନଭଞ୍ଜନ, ରସଗୋଲା ଭୋଗ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

## ସୁବର୍ଣ୍ଣ ଶ୍ରୀକ୍ଷେତ୍ରରେ ସୁନାବେଶ



**ବାଲେଶ୍ୱର, ୧୭।୭(ମାନସ ବିଶ୍ୱାଳ)**

ରେମୁଣା ବ୍ଲକ ଅଧୀନ ଛଣପୁରସ୍ଥିତ ସୁବର୍ଣ୍ଣ ଶ୍ରୀକ୍ଷେତ୍ରରେ ବୁଧବାର ରଥରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ ଲାଗି ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ରହିଥିଲା। ରଥାରୁଢ଼ ଠାକୁରମାନଙ୍କ ସୁନାବେଶ ଦର୍ଶନରେ ଭକ୍ତ ବିଭୋର ହୋଇପଡ଼ିଥିଲେ। ଘଣ୍ଟ, କାହାଳି, ମୃଦଙ୍ଗ ବାଦ୍ୟଯନ୍ତ୍ର ସହ ଜୟ ଜୟକାର ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରକାଶ ଯେ, ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଡ.ଗୋପେନ୍ଦ୍ର କିଶୋର ରାୟଙ୍କ ସାନଭାଇ ରାଜେନ୍ଦ୍ର କିଶୋର ରାୟ ଛେରାପହଁରା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ହରନାରାୟଣ ମଣ୍ଡୁଆଳ, କମିଟି ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମତଦାତା ସମ୍ବର୍ଦ୍ଧନା ସମାବେଶ

**ରେମୁଣା, ୧୭।୭(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲା ରେମୁଣା ମନ୍ଦିର ଛକ ନିକଟସ୍ଥ ହନୁମାନ କଲ୍ୟାଣ ମଣ୍ଡପରେ ରେମୁଣା ଭାଜପା ତରଫରୁ ଏକ ବିଶାଳ ମତଦାତା ଅଭିନନ୍ଦନ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଲୋକଙ୍କ ଦୃଢ଼ବିଶ୍ୱାସ ଏବଂ ମନୋବଳ ଆଜି ଦୁର୍ନୀତିଗ୍ରସ୍ତ ସରକାରକୁ ଗାଦିଚ୍ୟୁତ କରିଛି। ଭାଜପା ସରକାର ହେଉଛି ଲୋକଙ୍କ ସରକାର ବୋଲି କହିଥିଲେ। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଓଡ଼ିଶାରେ ଭାଜପା ସରକାର ଗଢିବା କେବଳ ଲୋକଙ୍କ ପାଇଁହିଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ଓ ବିଧାୟକ ଦାସ ମତଦାତା ତଥା ଉପସ୍ଥିତ ଲୋକଙ୍କୁ ପୁଷ୍ପ ବର୍ଷା କରି ସମ୍ବର୍ଦ୍ଧନା ଜଣାଇଥିଲେ।

ରେମୁଣା ନିର୍ବାଚନମଣ୍ଡଳୀ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଗୋପୀନାଥ ସେନାପତି, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, କୃଷକମୋର୍ଚ୍ଚା ରାଜ୍ୟ ମିଡ଼ିଆ ସଂଯୋଜକ ବିକାଶ ପାଢ଼ୀ, ପୂର୍ବତନ ସରପଞ୍ଚ ଉମାକାନ୍ତ ପଣ୍ଡା, ମଣ୍ଡଳ ସଭାପତି ବିଭୂତି ରଞ୍ଜନ ସେନାପତି, କୃଷ୍ଣଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ ଓ ଗିରିଧାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବୁଥ୍ ସଭାପତି, ଲଢ଼ିଥିବା ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ୱାର୍ଡ କାଉନସିଲର, ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀଙ୍କ ସହ ସାଧାରଣ ଲୋକ ଯୋଗ ଦେଇଥିଲେ। ଶେଷରେ ରେମୁଣା ନଗର ସଭାପତି କାହ୍ନୁ ଚରଣ ବେହେରା ଧନ୍ୟବାଦ ଜଣାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମୁମ୍ବାଇରୁ ଆସିଲା ମରଶରୀର



ମରଶରୀର ଆମ୍ବୁଲାନ୍ସରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଗହଳି। ମୁରଲୀଙ୍କ ଫାଇଲ ଫଟୋ (ଇନସେଟ୍)।

**ଖଇରା, ୧୭।୭(ଉତ୍କଳବନ୍ଧୁ ପଣ୍ଡା)**

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କ ହସ୍ତକ୍ଷେପ ପରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ସାହାପୁର ଗ୍ରାମର ମୁରଲୀଧର ମହାକୁଡଙ୍କ ମରଶରୀରକୁ ମୁମ୍ବାଇରୁ ଗ୍ରାମକୁ ଅଣାଯିବା ସମ୍ଭବ ହୋଇଛି। ଏହି ଘଟଣା ପରେ ଖଇରାବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁମ୍ବାଇରେ ଶ୍ରମଜୀବୀ ଭାବେ କାର୍ଯ୍ୟ କରୁଥିବା ମୁରଲୀ ଗତ ୧୪ତାରିଖରେ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରିଥିଲେ। ଆର୍ଥିକ ଦୁରବସ୍ଥା ପାଇଁ ତାଙ୍କର ମରଶରୀର ଘରକୁ ଆଣିବା ପରିବାର ପାଇଁ ଅସମ୍ଭବ

**କୃତଜ୍ଞତା ଜଣାଇଲେ ଖଇରାବାସୀ**

ଥିଲା। ସହଯୋଗ ପାଇଁ ପରିବାର ଲୋକ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ମରଶରୀରକୁ ଆମ୍ବୁଲାନ୍ସରେ ଘରକୁ ଆଣିବା ଲାଗି ବ୍ୟବସ୍ଥା କରିଥିଲେ। ବୁଧବାର ସକାଳେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୁରଲୀଙ୍କ ସ୍ତ୍ରୀ ଓ କଲେଜରେ ପଢୁଥିବା ଝିଅ ବର୍ଷାରାଣୀଙ୍କ ସହ ଫୋନରେ କଥାହୋଇ ସମବେଦନା ଜଣାଇବା ସହ ବର୍ଷାଙ୍କୁ ପାଠପଢା ପାଇଁ ପ୍ରୋତ୍ସାହିତ କରିଥିଲେ। ଆଗାମୀ ଦିନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଜଣେ ସାଧାରଣ ଅସହାୟ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ବଦାନ୍ୟତାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



ଶ୍ରୀଜୀଉଙ୍କ ସୁନାବେଶ।

**କାଳିପଦା, ୧୭।୭(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଖଗଡ଼ାପାଳସ୍ଥିତ ଜଗନ୍ନାଥ ମନ୍ଦିରରେ ବୁଧବାର ଶ୍ରୀଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରାତଃରୁ ଶ୍ରୀଜୀଉମାନଙ୍କର ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି। ସୁନାବେଶ ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ରଜକିଶୋର ଭୂୟାଁ, ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ସାହୁ, ମଧୁସୂଦନ ବାରିକ, ମୂରଲୀମୋହନ ସାହୁ, ସଞ୍ଜୟ କୁମାର ଦେ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ବାଲିଆପାଳ ବ୍ଲକ ମାନ୍ଧାତା ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଛି। ଏହାକୁ ଶ୍ରୀଜଗନ୍ନାଥ ଜୀଉ ନିଯୋଗର ସନାତନ ପାତ୍ର, ଗୋପାଳକୃଷ୍ଣ ପାତ୍ର, କୃଷ୍ଣାନନ୍ଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସୁନାବେଶ ଦେଖିବା ପାଇଁ ଭକ୍ତିକ୍ଷେତ୍ରରେ ଭକ୍ତଙ୍କ ଭିଡ ହୋଇଛି।

## ପଳସା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



**ଖଇରା, ୧୭।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ବୁଧବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଉପନିବନ୍ଧକ ଗଜେନ୍ଦ୍ର ପ୍ରସାଦ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମବାୟ ସମିତିର ସଭାପତି ହେମନ୍ତ କୁମାର ପୃଷ୍ଟି, ପଳସା ସରପଞ୍ଚ ମନୋରଞ୍ଜନ ସାହୁ, ନହଙ୍ଗ ସରପଞ୍ଚ ରବୀନ୍ଦ୍ର ନାୟକ, ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ, ସୁଣ୍ଡିରା ସରପଞ୍ଚ ପ୍ରତିନିଧି ହରିଶ ପରିଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଧାୟକ ଆଗାମୀ ଦିନରେ ଧାନକିଣା, ନୂତନ ସମବାୟ ସମିତି ପ୍ରତିଷ୍ଠା ନେଇ ଚାଷୀ, ପରିଚାଳନା ବୋର୍ଡ ନିର୍ଦ୍ଦେଶକ, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମିତି ସମ୍ପାଦକ ରାଜେଶ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପାର ମତଦାତା ଅଭିନନ୍ଦନ କାର୍ଯ୍ୟକ୍ରମ

**ଜଳେଶ୍ୱର, ୧୭।୭(ନବୀନ ସାହୁ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନନ୍ଦିକା ଛକ ନିକଟରେ ଜଳେଶ୍ୱର ଭାଜପା ପକ୍ଷରୁ ବୁଧବାର ମତଦାତା ଅଭିନନ୍ଦନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ୯ନଂ. ଜୋନ୍ ସଭାପତି ବିଶ୍ୱରୂପ ଦାସ ପୌରୋହିତ୍ୟ କରିଥିବା ବେଳେ ୧୦ନଂ. ଜୋନ୍ ସଭାପତି ତପନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ମତଦାତାମାନଙ୍କ ଉପରେ ପୁଷ୍ପବୃଷ୍ଟି କରି ସମ୍ବର୍ଦ୍ଧିତ କରିଥିଲେ। ମତଦାତାଙ୍କ ଏହି ମତଦାନ କ୍ଷମତା ପାଇଁ ନୁହେଁ ବରଂ ଲୋକଙ୍କ ସେବା ପାଇଁ ଆମକୁ ସୁଯୋଗ ଦେବା ବୋଲି ଏମ୍‌ପି ଷଡଙ୍ଗୀ ବକ୍ତବ୍ୟରେ କହିବା ସହିତ ସମଗ୍ର ରାଜ୍ୟବାସୀଙ୍କ ସେବାରେ ଭାଜପା କାର୍ଯ୍ୟ କରିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଓ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦେଇ ମତଦାତା ନିର୍ବାଚନରେ ବିପୁଳ ସମର୍ଥନ ଦେଇ ଜଳେଶ୍ୱରର ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନିତ ହେବ ବୋଲି କହିଥିଲେ। ମଣ୍ଡଳ ପ୍ରଭାରୀ ପରମାନନ୍ଦ ମହାପାତ୍ର, ନାରୀ ନେତ୍ରୀ ସୁମତୀରାଣୀ ଦେ, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଜୋନ ସଭାପତି ତରୁଣ ପଟ୍ଟନାୟକ, ବିଜୟ ସାମଲ, ସରପଞ୍ଚ ଜୟକୃଷ ଅଣ୍ଡିଆ, କାଉନସିଲର ଚନ୍ଦନ ଦାସ, ଆଦିତ୍ୟ ନାରାୟଣ ପାତ୍ର, ରାଜେଶ ଖଟୁଆ, ରାଜେନ୍ଦ୍ର ପାତ୍ର, ଶ୍ରୀକଣ୍ଠ ମହାନ୍ତି, ରାମଚନ୍ଦ୍ର ବେଶ୍ରା, ଶାନ୍ତନୁ ପଟ୍ଟନାୟକ, ବନମାଳୀ ଧଳ, ତନ୍ମୟ ଚାନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାଳିଚରଣ ଦାସ, ସତ୍ୟଶୋଭନ ମିଶ୍ର, ଚନ୍ଦନ କର, ରାସବିହାରୀ ରଣା, ଦେବଜାନୀ ଅଣ୍ଡିଆ ଓ ସାରେଶ୍ୱରୀ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## 'ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼ିବୁ'

### ବିଜେଡିର ସାଙ୍ଗଠନିକ ବୈଠକରେ ନିଷ୍ପତ୍ତି

**ଭୋଗରାଇ, ୧୭।୭(ପ୍ରଦୀପ ଦାସ)**

ବିଜେଡି ସରକାର କ୍ଷମତାରେ ନ ରହିଲେ ମଧ୍ୟ ଲୋକଙ୍କ ସ୍ୱାର୍ଥ ପାଇଁ ସଦାବେଳେ ସଚେତନ ରହିଛି। ରାଜ୍ୟରେ ଭାଜପା ସରକାର ପାତରଅନ୍ତର ନୀତି ଗ୍ରହଣ କଲେ ବ୍ୟାପକ ଗଣଆନ୍ଦୋଳନ ହେବ ବୋଲି ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ସୋହରିଆ ଗ୍ରାମରେ ଭୋଗରାଇ ବିଜେଡିର ୩୪ ନଂ. ଜୋନର ସାଙ୍ଗଠନିକ ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସମ୍ମିଳନୀରେ ମଙ୍ଗଳବାର ମତ ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଦସ୍ୟ ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ପୂର୍ବତନ ସରପଞ୍ଚ ତପନ ପଣ୍ଡା ଓ ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ୮ଟି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଦଳକୁ ଶକ୍ତିଶାଳୀ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

## ୪୦୦ ଚାରାରୋପଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କରଞ୍ଜିଆ, ୧୭।୭(କବିତା ମହାନ୍ତ)**

କରଞ୍ଜିଆଠାରେ ଥିବା ସଂକଳ୍ପ ସେବା ଟ୍ରଷ୍ଟ ଗୋଶାଳାରେ ବୁଧବାର ମା' ପାଇଁ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଧାମ ପରିସରରେ ୪୦୦ ବିଭିନ୍ନ ପ୍ରକାର ଔଷଧୀୟ ଗଛ ଲଗାଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମପି ନବ ଚରଣ ମାଝୀ,କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, କରଞ୍ଜିଆ ପୌରପରିଷଦ ଅଧ୍ୟକ୍ଷା ପପି ପୃଷ୍ଟି, କରଞ୍ଜିଆ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ, ପଶ୍ଚିମ ମୟୂରଭଞ୍ଜ ଭାଜପା ଜିଲା ସଭାପତି କୃପାସିନ୍ଧୁ ମହାନ୍ତ, କରଞ୍ଜିଆ ଓକିଲ ସଂଘର ସଭାପତି ବାଞ୍ଛାନିଧି ପୃଷ୍ଟି, ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କୁ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ସଙ୍ଗୀତ ମାଧ୍ୟମରେ ସ୍ୱାଗତ କରିଥିଲେ। ଗୋଧାମର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ଡିଏଫଓ ସୁବ୍ରତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠି, କରଞ୍ଜିଆ ପୌର ପୋରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ଉପ ନଗରପାଳ ସ୍ୱରୂପ କୁମାର ପରିଜା, ୩ନଂ. ୱାର୍ଡ କାଉନସିଲର ବିଶ୍ୱଜିତ ଚୌଧୁରୀ,୧,୨,୯,୧୫ ନଂ.କାଉନସିଲାରମାନେ ଉପସ୍ଥିତ ରହି ଗଛ ଲଗାଇଥିଲେ। ଗୋ ମାତା ପୂଜନ କାର୍ଯ୍ୟକ୍ରମକୁ ଜିଲା ଉପ ସଭାପତି ଜନାର୍ଦ୍ଦନ ବେହେରା ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ମହେଶ୍ୱର ସାହା, ଦେବେନ୍ଦ୍ର ମହାନ୍ତ, ଲକ୍ଷ୍ମୀ ଝା, ଖିରୋଦ ମହାନ୍ତ, ଚତୁର୍ଭୁଜ ଗ୍ରହାଚାର୍ଯ୍ୟ, କରଞ୍ଜିଆ କଲେଜର ଛାତ୍ରୀଛାତ୍ର, ବନ ବିଭାଗର କର୍ମଚାରୀ ଓ ସମସ୍ତ ଗୋପ୍ରେମୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ବରିଷ୍ଠ ଶିକ୍ଷକଙ୍କ ବିୟୋଗରେ ଶୋକ

**ବାଲେଶ୍ୱର, ୧୭।୭(ମାନସ ବିଶ୍ୱାଳ)**– ବାଲେଶ୍ୱର ମହର୍ଷି ବିଦ୍ୟାମନ୍ଦିରରେ ହିନ୍ଦୀ ଶିକ୍ଷକ ଭାବେ ଦୀର୍ଘ ତିନି ଦଶନ୍ଧି ଧରି ଅଧ୍ୟାପନା କରିଥିବା ଜୟପ୍ରକାଶ



ଦୁବେଙ୍କର ବାହୁଡ଼ାରେ ପରଲୋକ ହୋଇଯାଇଛି। ହଠାତ୍ ସେ ହୃଦ୍‌ଘାତରେ ଆକ୍ରାନ୍ତ ହେବାରୁ ପ୍ରଥମେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବା ଯୋଗୁ ଭୁବନେଶ୍ୱରସ୍ଥିତ କିମ୍‌ସ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁଜୁରାଟର ଏକ ବିଶ୍ୱବିଦ୍ୟାଳୟରେ ତାଙ୍କ ପୁଅ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟ କରୁଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର ଝିଅ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଛନ୍ତି। ତାଙ୍କର ବିୟୋଗରେ ତାଙ୍କର ଶୁଭେଚ୍ଛୁ ଏବଂ ଛାତ୍ରୀଛାତ୍ରଙ୍କ ଗହଣରେ ଗଭୀର ଶୋକର ଛାୟା ଖେଳିଯାଇଛି।

## 'ହର୍ ଘର୍ ଜଲ୍' ଯୋଜନାର ସୁଫଳ ପହଞ୍ଚାଇବାକୁ ନିର୍ଦ୍ଦେଶ



ବୈଠକରେ ବିଧାୟକ ଓ ଅନ୍ୟମାନେ।

**ବାଲେଶ୍ୱର, ୧୭।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ଚାନ୍ଦମାରି ପଡ଼ିଆସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଓ ସ୍ୱଚ୍ଛତା ଡିଭିଜନ (ଆରଡବ୍ଲ୍ୟୁଏସ୍‌ଏସ୍) କାର୍ଯ୍ୟାଳୟ ପରିସରରେ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ନେଇ ଦେଖାଦେଇଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ପାନୀୟ ଜଳଯୋଗାଣରେ ବିଭାଗୀୟ ସ୍ଥାଣୁତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ଅନୁଦାନରେ କାର୍ଯ୍ୟାନ୍ୱିତ ହେଉଥିବା 'ହର୍ ଘର୍ ଜଲ' ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସଂଖ୍ୟାଧିକ ଅଭିଯୋଗ ଉପରେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଭୂତଳ ଜଳସ୍ତର ଠିକ୍ ଭାବେ ନିରୂପଣ ହୋଇ ନ ଥିବାରୁ ବିଭିନ୍ନ ପଞ୍ଚାୟତରେ ଜଳଉତ୍ସରୁ ପାଣି ବାହାରିବା ବନ୍ଦ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଘରକୁ ଘର ବିଛା ଯାଇଥିବା ପାଇପ୍ ଫାଟି ପାଣି ନଷ୍ଟ ହେଉଛି। ବିଗତ ସରକାର ଅମଳରେ ଦଳୀୟ ଚାପରେ ପଡ଼ି ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଅନ୍ୟ ସ୍ଥାନରେ ଜଳ ଉତ୍ସ ସ୍ଥାପନ କରାଯାଇଛି। ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ୍ ଟାଙ୍କିରେ ବିଶୁଦ୍ଧ ପାଣି ରହିବା ନେଇ ସମସ୍ୟା ଦେଖାଦେଉଛି। ତେବେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଯୋଗାଣ ଲକ୍ଷ୍ୟ ହାସଲଠାରୁ ବିଭାଗ ବହୁ ଦୂରରେ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଯେଉଁ ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ

**ପାନୀୟ ଜଳଯୋଗାଣ ନେଇ ସମୀକ୍ଷା ବୈଠକ**

ହୋଇଛି ସେଠାରେ ପୁନଃ ସର୍ଭେ ସହ ଖନନ କରିବାକୁ ପରାମର୍ଶ ଦେଇଥିଲେ।

ବାଲେଶ୍ୱର ଗ୍ରାମ୍ୟ ଜଳଯୋଗାଣ ଓ ସ୍ୱଚ୍ଛତା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେଙ୍କ ସମେତ ବିଭାଗୀୟ ଏସ୍‌ଡିଓ ଓ କନିଷ୍ଠଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ରହି ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣର ବାସ୍ତବିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ରବି ନାରାୟଣ ପ୍ରଧାନ, ବନିତା ଭୂୟାଁ, ଜିତେନ ଜେନା, ସମିତି ସଭ୍ୟ ରବୀନ୍ଦ୍ର ଜେନା, ଅଞ୍ଜନ ପରିଡା, ରଶ୍ମିତା ନାୟକ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସୁନା ଅଳଙ୍କାରରେ ଝଲସିଲେ ଶ୍ରୀଜୀଉ

କେନ୍ଦୁଝର,୧୭।୭(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କ ସୁନାବେଶ।

ବଡ଼ ଏକାଦଶୀ ତିଥିରେ କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ, ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ସୁନାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ସର୍ବୋଚ୍ଚ ରଥରେ ଶ୍ରୀଜୀଉଙ୍କ ଅଲୌକିକ ସୁନାବେଶକୁ ଭକ୍ତ ଦର୍ଶନ କରିଛନ୍ତି। ପାଗ ଅନୁକୂଳ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସି ଶ୍ରୀଜୀଉମାନଙ୍କୁ ସୁନାରେ ସୁସଜ୍ଜିତ ବେଶକୁ ଦର୍ଶନକରି ସାନ୍ନିଧ୍ୟ ଲାଭ କରିଛନ୍ତି। ସୁନାବେଶରେ ଶାନ୍ତିଶୃଙ୍ଖଳା ଏବଂ ଯାତ୍ରୀଙ୍କ ସୁରକ୍ଷା ପାଇଁ ଜିଲା, ପୋଲିସ ଏବଂ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମଧ୍ୟାହ୍ନରେ ଶ୍ରୀଜୀଉଙ୍କ ସୁନାବେଶ ପାଇଁ ଦର୍ଶନ ବନ୍ଦ ରଖାଯାଇ ଅପରାହ୍ନରୁ ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ରଥ ଉପରକୁ ଯାଇ ଭକ୍ତଙ୍କ ଦର୍ଶନ ବାରଣ କରାଯାଇଛି। ରଥ ଚାରିପଟେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇ କର୍ଡନ ବାହାରେ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ମନ୍ଦିରର ପୂଜକ ଓ ଶ୍ରୀଜୀଉଙ୍କ ସେବକ ମାନେ ସୁନାବେଶ କରାଇଥିଲେ। ଶ୍ରୀଜୀଉମାନଙ୍କ ପ୍ରାୟ ୬୩ ପ୍ରକାର ସୁନାଗହଣା ଥିବାବେଳେ ୧୩ ପ୍ରକାର ଅଳଙ୍କାରରେ ଆଭୂଷିତ କରାଯାଇଥିଲା। ସମୁଦାୟ ୧୬ କିଲୋ ୨୦୦ ଗ୍ରାମର ଗହଣାଗାଣ୍ଠିରେ ଶ୍ରୀଜୀଉମାନଙ୍କୁ ଆଭୂଷିତ କରାଯାଇଥିଲା। ବିଶେଷକରି ମୁକୁଟ, ରୁଦ୍ରାକ୍ଷମାଳ, ମିରିକିମାଳ, ସୁନା ଟଙ୍କା ମାଳ, କର୍ଣ୍ଣ କୁଣ୍ଡଳ, ଭୁଜା ଓ ପୟର, ପଦକ, ବାଙ୍କି ଡେଉଁରିଆ, ଚନ୍ଦ୍ର ଝୁମ୍ପି, ହାର, ବାହୁଟି, କଙ୍କଣ, ଗଳାରତ୍ନ, ମୁକ୍ତାମଣି, କିରିଟ ଆଦି ସୁନାରୁପା, ମୋତିମାଣିକ ଖଚିତ ଅଳଙ୍କାର ପ୍ରଭୁଙ୍କୁ ବେଶ ସମୟରେ ସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ଭକ୍ତଙ୍କର ସୁଶୃଙ୍ଖଳିତ ଦର୍ଶନ ପାଇଁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ଏସ୍‌ଡିପିଓ କେନ୍ଦୁଝର ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ଜିଲାପାଳ ବିଶାଳ ସିଂହ ଓ ଏସ୍‌ପି କୁଶଲକର ତତ୍ତ୍ୱାବଧାନରେ ଆଇନଶୃଙ୍ଖଳା, ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ ଅଧିକାରୀଙ୍କ ବ୍ୟତୀତ ୧୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ୧୨ ସିସିଟିଭି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରଣ କରାଯାଇଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ଶ୍ରୀଜୀଉଙ୍କର ବିଭିନ୍ନ ବ୍ୟାଙ୍କ ଓ ଟ୍ରେଜେରି ଲକରରେ ୩୪ କିଲୋ ୨୬୫ ଗ୍ରାମ ସୁନା ଗଚ୍ଛିତ ଥିବା କୁହାଯାଉଛି। ସମସ୍ତ ସୁନାର ଅଦ୍ୟାବଧି ଆକଳନ କରାଯାଇପାରିନାହିଁ। କେନ୍ଦୁଝରର ରାଜାଙ୍କ ପୃଷ୍ଠପୋଷକତାରେ ସୁନାବେଶ ଶ୍ରୀଜୀଉମାନଙ୍କର ଅନୁଷ୍ଠିତ ହୋଇଆସୁଥିବା ବେଳେ ୧୯୬୧ରେ ଶେଷ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ପରେ ୨୦୦୮ ଠାରୁ ପୁଣି ଥରେ ପ୍ରଶାସନ ପକ୍ଷରୁ ସୁନାବେଶ କରାଯାଉଛି। ଠାକୁରଙ୍କ ବହୁ ମୂଲ୍ୟବାନ୍ ଅଳଙ୍କାର ରହିଥିଲେ ହେଁ, ସବୁ ବ୍ୟବହାର ହୋଇପାରୁନାହିଁ। ଏହା ବହୁ ପୁରୁଣା ଏବଂ ଦୁର୍ଲଭ ହୋଇଥିବା ବେଳେ ଏହାର ମୂଲ୍ୟ ଅନେକ ଶହ କୋଟି ଟଙ୍କା ହେବ ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି।



ବଡବିଲସ୍ଥିତ ହରିହର ମନ୍ଦିର ସମ୍ମୁଖରେ ରଥାରୂଢ଼ ୩ ଠାକୁରଙ୍କ ସୁନାବେଶ।

## ସୁନାବେଶରେ ଦର୍ଶନଦେଲେ ଦଧିବାମନଜୀଉ

ଆନନ୍ଦପୁର,୧୭।୭(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁରର ଆରାଧ୍ୟ ଦେବତା ଦଧିବାମନଜୀଉ ବୁଧବାର ସୁନାବେଶରେ ଦର୍ଶନ ଦେଇଛନ୍ତି। ଆନନ୍ଦପୁର ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଅନୁଯାୟୀ ସନ୍ଧ୍ୟା ୬ ଟା ସମୟରେ ରଥାରୂଢ ଦଧିବାମନଜୀଉଙ୍କୁ ଅଳଙ୍କାରେ ସଜିତ କରାଯାଇଥିଲା। ସନ୍ଧ୍ୟା ଆଳତି ସରିବା ପରେ ଭକ୍ତ ଠାକୁରଙ୍କ ସୁନାବେଶର ଦର୍ଶନ ଲାଭ କରିଥିଲେ। ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ, ଆସିଷ୍ଟାଣ୍ଟ କଲେକ୍ଟର ତପନ ପ୍ରଧାନ, ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର, ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରିଥିବା ବେଳେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସ୍ନାନ ମଣ୍ଡପରେ ଭଜନ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ପାଟଣା,୧୭।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଯୁବତୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣଙ୍କ ହାଇସ୍କୁଲରେ ପଢୁଥିବା ସମୟରେ ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ହାତିବାରି ଗ୍ରାମର ଚିତ୍ରସେନ ନାଏକ(୨୧)ଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ବିବାହ ପ୍ରତିଶ୍ରୁତି ଦେଇ ୪ ବର୍ଷ ତଳୁ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଯୁବକ ଜଣଙ୍କ ତାଙ୍କୁ ବିବାହ ପାଇଁ ମନା କରିଦେଇଥିଲେ। ଯୁବତୀ ମାନସିକ ଭାରସାମ୍ୟ ହରାଇ ଗତ ଶୁକ୍ରବାର ବିଷପାନ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ମଙ୍ଗଳବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୋକ୍‌ସୋ ଆକ୍ଟ ଓ ବଳାତ୍କାର ଅଭିଯୋଗରେ ଏକ ମାମଲା(ନଂ.୨୨୧/୨୪) ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

### ବିଶ୍ୱ ଯୁବ ଦକ୍ଷତା ଦିବସ

ବଡ଼ବିଲ,୧୭।୭ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବକ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଦେବାଶିଷ ବିଶିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଘରୋଇ କମ୍ପାନୀର ଅଧିକାରୀମାନେ ଯୋଗଦେଇ ବୈଷୟିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଅର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ମୁକୁଳା ଟ୍ରାନ୍ସଫର୍ମରରେ ଲାଗିଲା ସୁରକ୍ଷା ବାଡ଼

ରାମଚନ୍ଦ୍ରପୁର,୧୭।୭(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ବଡ଼ ପଡ଼ିଆ ଗ୍ରାମରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ଲାଗିଛି। ଦୀର୍ଘ ବର୍ଷ ଏହି ଉଚ୍ଚ ବିଦ୍ୟୁତ୍ ସମ୍ପନ୍ନ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିଲା। ସୁରକ୍ଷା ବାଡ଼ ନ ଥିବାରୁ ଚାରିପଟେ ଅନାବନା ତୃଣ ଜାତୀୟ ଗଛ ହୋଇଯିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ଯାହା ଫଳରେ ଗୋରୁ ପ୍ରବେଶ କରି ଆହତ ହେଉଥିଲେ। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହି ବିଷୟରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନର ଅଧିକାରୀଙ୍କୁ ଅବଗତ କରାଇବା ପରେ ତୁରନ୍ତ ଏହାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବି ପୂରଣ ହୋଇଥିବାରୁ ଲକ୍ଷ୍ମଣ ସାହୁ, ପ୍ରମୋଦ ସା, ଜଗତ ସା, ନକୁଳ ଜେନା, ବସନ୍ତ ଜେନା, ଭିମସେନ ଜେନା, ଫକିର ରଣା ପ୍ରମୁଖ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ

ଯୋଡ଼ା,୧୭।୭(ମାନସ ମହାନ୍ତି)




ବୈଠକରେ ଉପସ୍ଥିତି ଅତିଥିମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼ବିଲ ସହରରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ଗତ ସୋମବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିରୂପେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିରୂପେ ରୁଙ୍ଗଟା ମାଇନ୍ସ କମ୍ପାନୀର ସହ ପରିଚାଳକ ଆନନ୍ଦ ଚରଣ ସାହୁ, ଆରିୟା ଷ୍ଟିଲ ପ୍ଲାଣ୍ଟ ସିଏସ୍‌ଆର ମୁଖ୍ୟ ଅମ୍ବିକା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଦେବାଶିଷ ବିଶି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷକ ମାନିନୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଯୁଗରେ ବୈଷୟିକ ଶିକ୍ଷାର ନିତ୍ୟାନ୍ତ ଜରୁରୀ, ଶିଳ୍ପ ସଂସ୍ଥାଗୁଡ଼ିକ କମ ଖର୍ଚ୍ଚରେ ଉନ୍ନତ ମାନର ପଦାର୍ଥ ପ୍ରସ୍ତୁତି କିଭଳି କରିହେବ ଓ ଏହାର ବଜାର ଚାହିଦା ସମ୍ପର୍କରେ ରୁଙ୍ଗଟା କମ୍ପାନୀର ସହ ପରିଚାଳକ ସାହୁ ଆଲୋକପାତ କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସମ୍ପର୍କରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀର ମାନବ ସମ୍ବଳ ଅଧିକାରୀ ଆଶିଷ ରଞ୍ଜନ ମହାନ୍ତି ଆଲୋଚନା କରିଥିଲେ। ଅନୁଷ୍ଠାନ ପରିସରରେ ଚାରାରୋପଣ କରାଯାଇଥିଲା। ସହକାରୀ ଶିକ୍ଷା ନିର୍ବିଷ ଗୌର ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିର ଉନ୍ନତି ପାଇଁ ବରିଷ୍ଠ ନାଗରିକଙ୍କ ୧୧ ପ୍ରସ୍ତାବ

କେନ୍ଦୁଝର,୧୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀବଳଦେବଜୀଉ ମନ୍ଦିରର ଉନ୍ନତି ଓ ଭକ୍ତଙ୍କ ସୁରକ୍ଷିତ ଯାତାୟାତ ନିମନ୍ତେ ପୁରୁଣା ସହରର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମଞ୍ଚର ସଭାପତି ସରୋଜ ରଣା, ସଦସ୍ୟ ବିପ୍ର ରଞ୍ଜନ ମିଶ୍ର ସାକ୍ଷାତ କରି ଜିଲାପାଳ ବିଶାଲ ସିଂହଙ୍କୁ ୧୧ ଗୋଟି ପ୍ରସ୍ତାବ ଲିଖିତ ଆକାରରେ ପ୍ରଦାନ କରିଛନ୍ତି। ପ୍ରସ୍ତାବ ମଧ୍ୟରେ ମନ୍ଦିରକୁ ଲାଗିଥିବା ଦେବୋତ୍ତର ବିଭାଗର କୋଠାରେ ଭଡ଼ାରେ ଚାଲିଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପାଇଁ ନୂତନ ଗୃହ ନିର୍ମାଣ କରି ନୂତନ ହାରରେ ଭଡ଼ା ନିର୍ଦ୍ଧାରଣ, ବର୍ଷ ତମାମ ଗାଡ଼ି ପାର୍କିଂ ପାଇଁ ମନ୍ଦିର ସନ୍ନିକଟ ଫୁଲ ବଗିଚାକୁ ଲିଜ୍ ସୂତ୍ରରେ ପ୍ରଦାନ, କଚେରି ଆଗରେ ଶ୍ରୀଜୀଉଙ୍କ ଦାନବାକ୍ସ ସ୍ଥାପନା, ଯାତ୍ରା ସମୟରେ ଆଦାୟ ହେଉଥିବା ଷ୍ଟଲ ଭଡ଼ା ମନ୍ଦିର ପ୍ରଶାସନ ଦ୍ୱାରା ସଂଗ୍ରହ, ବାଘୁଆବେଡ଼ା କିଆରୀକୁ ପାଚେରି ଦ୍ୱାରା ଆବଦ୍ଧ କରି ରଥଯାତ୍ରା ସମୟରେ ଗାଡିପାର୍କିଂ ବ୍ୟବସ୍ଥା କରି ଭଡା ଆଦାୟ, ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ଆଦି ଦାବି କରିଥିଲେ। ସେହିପରି କେନ୍ଦୁଝରକୁ ଆସୁଥିବା ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ବସ ଟର୍ମିନାଲକୁ ପୁନଃ ଓ କାର୍ଯ୍ୟକ୍ଷମ କରିବା ସହ ସୁରକ୍ଷିତ ଯାତାୟାତ ସହରରୁ ପୁରୁଣା ସହରକୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତାକୁ ପ୍ରଶସ୍ତିକରଣ କରି ପାଇଁ ଦାବି କରିଥିଲେ। ଦାବି ବିଷୟରେ ବିଚାର କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

କେନ୍ଦୁଝର,୧୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବଣିଆପାଟର ୨୮ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପରିଚାଳନା ସମିତିର ସଭାପତି ଡ. ଅନିଲ କୁମାର ଦାସଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉତ୍ସବରେ ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନ, ସହ ସମ୍ପାଦକ ସୁଦର୍ଶନ ନାଏକ, ପରିଚାଳନା ସମିତିର ସଦସ୍ୟା ମନ୍ଦାକିନୀ ବେହେରା ଓ ଅନ୍ୟତମ ସଦସ୍ୟା ପଦ୍ମାବତୀ ଅମାନ୍ତ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଇତିଶ୍ରୀ ଦାଶ ଓ ଧୀରେନ୍ଦ୍ର ସିଂ ଅନୁଭୂତି କହିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀମାନେ ଉପସ୍ଥିତ ଥିଲେ।

## ନିର୍ବାଚନ ପାଇଁ ୯ ଜଣିଆ କମିଟି ଗଠିତ

### କେନ୍ଦୁଝର ଟ୍ରକ୍ ମାଲିକ ସଂଘ

କେନ୍ଦୁଝର,୧୭।୭(ଦୀପକ ମିଶ୍ର): କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ଏକ ୯ ଜଣିଆ କମିଟି ମଙ୍ଗଳବାର ଗଠନ କରାଯାଇଛି। ଏ ନେଇ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ଦେବୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉପଦେଷ୍ଟା ଗୋପାଳ କୃଷ୍ଣ ପରିଡ଼ାଙ୍କ ସଭାପତିତ୍ୱରେ ବୈଠକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। କମିଟି ପ୍ରଶାସନ ଓ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନଙ୍କ ସହ ଆଲୋଚନା କରି ଶୀଘ୍ର ନିର୍ବାଚନ ପାଇଁ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। କମିଟିରେ ପ୍ରଦୀପ ବାରିକ, ସୂର୍ଯ୍ୟ ନାରାୟଣ କର, ପ୍ରଭାତ ରାଉତ, ନିହାର ଦାସ, ଆଶିଷ ଚକ୍ରବର୍ତ୍ତୀ, ଦେବୁ ପଟ୍ଟନାୟକ, ଦିଲ୍ଲୀପ ପଣ୍ଡା, ସଂଜୟ ସିଂ ଓ ରାମଚନ୍ଦ୍ର ରାଉତ ରହିଛନ୍ତି।

## ରୋଟାରି କ୍ଲବ୍ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ

ଯୋଡ଼ା,୧୭।୭(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ରୋଟାରି କ୍ଲବ୍ ପକ୍ଷରୁ ବୁଧବାର ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପଠାରେ ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ, ସୁପରଭାଇଜର, ସଫେଇ ଠିକାଦାର, ପୌର କର୍ମଚାରୀ, ରୋଟାରି କ୍ଲବ୍‌ର ସଦସ୍ୟ ଯୋଗଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମସ୍ତେ ମିଶି ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥିଲେ। ରୋଟାରୀଆନ ପ୍ରକାଶ ମହାନ୍ତି, ସାରଦା ଆଚାର୍ଯ୍ୟ, ବିଡିସାହୁ, ରାଜେଶ କୁମାର, ବିକାଶ ମହାନ୍ତି, ସିଦ୍ଧାର୍ଥ କର, ସ୍ନିଗ୍ଧା କର, ରାକେଶ ସିଂଗାଣିଆ, ସୁନିଲ ବାସୋତିଆ, ମନୋଜ ଜୟସ୍ୱାଲ, ଦିଲ୍ଲୀପ ରାଉତ, ଡ. କେକେ ଝା, ଡ. ଦୀପାୟନ ଦତ୍ତ, ସୁମନ ଭଟ୍ଟାଚାର୍ଯ୍ୟ, ଜିତେନ୍ଦ୍ର ବୈଦ୍ୟ, ଶଙ୍କର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଉମାକାନ୍ତ ତେଲକୋଇ ବିଧାୟକଙ୍କ ବାଂଶପାଳ ବ୍ଲକ୍ ପ୍ରତିନିଧି

କେନ୍ଦୁଝର,୧୭।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳର ବ୍ଲକ୍ ୨୪ ନମ୍ବର ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ କାର୍ଯ୍ୟ କରୁଥିବା ଉମାକାନ୍ତ ବାରିକଙ୍କୁ ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାୟକ ବାଂଶପାଳ ବ୍ଲକ୍ ପ୍ରତିନିଧି ଭାବେ ନିଯୁକ୍ତି କରିଛନ୍ତି। ଏ ନେଇ ବୁଧବାର ଭାଜପାର କର୍ମକର୍ତ୍ତା ଓ ସମର୍ଥକଙ୍କ ସହ ଆସି ବାଂଶପାଳ ବିଡିଓ ବିକ୍ରଣୀ କିସପଟାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ପ୍ରତିନିଧିଙ୍କୁ ବାଂଶପାଳ ବ୍ଲକ୍ ପରିସରରେ ଦଳୀୟ କର୍ମକର୍ତ୍ତା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଦିବାସୀ ଅଧ୍ୟୁଷିତ ୨୧ ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକ୍‌ରୁ ୧୬ ପଞ୍ଚାୟତ ତେଲକୋଇ ଓ ୫ ସଦର ନିର୍ବାଚନ ମଣ୍ଡଳୀରେ ରହିଛି। ପୁରାତନ ଆଦିମ ଜନଜାତି ଆଦିବାସୀ ଓ ସାଧାରଣ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବ୍ଲକ୍‌ରେ ମୂଲ୍ୟବାନ ଜଙ୍ଗଲ ଜାତ ଦ୍ରବ୍ୟ ଖଣିଜ ସମ୍ପଦ ଖଣି କଳକାରଖାନା ଥାଇ ବି ଲୋକମାନଙ୍କର ଆର୍ଥିକ ସ୍ଥିତି ଆଶାନୁରୂପ ନାହିଁ। ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସସ୍ଥାନ, ରୋଜଗାର ଆଦି ମୌଳିକ ଅଧିକାର ପାଇଁ ସାଧାରଣ ଲୋକଙ୍କୁ ବିଧାୟକଙ୍କ ପର୍ଯ୍ୟନ୍ତ ଯୋଡ଼ି ସମାଧାନ କରିବାକୁ ମତ ପ୍ରକାଶ କରିଛନ୍ତି। ଏହା ସହିତ ବ୍ଲକ୍‌ର ଜନସାଧାରଣଙ୍କୁ ପରାମର୍ଶ ମାଗିବା ସହ ଆଶୀର୍ବାଦ କାମନା କରିଛନ୍ତି।

## ବିଷ୍ଣୁ ପ୍ରସାଦଙ୍କୁ କଳିଙ୍ଗଚକ୍ର କ୍ଷେତ୍ର ଆଇକନ ସମ୍ମାନ



ବିଷ୍ଣୁ ପ୍ରସାଦ ଅତିଥିଙ୍କ ନିକଟରୁ ମାନପତ୍ର ଗ୍ରହଣ କରୁଛନ୍ତି।

ଆନନ୍ଦପୁର,୧୭।୭(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁରର ଜ୍ୟୋତିର୍ବିତ, ବାସ୍ତୁବିତ ଡ. ବିଷ୍ଣୁ ପ୍ରସାଦଙ୍କୁ କଳିଙ୍ଗଚକ୍ର କ୍ଷେତ୍ର ଆଇକନ ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଭାରତ ବାସ୍ତୁ ଓ ଜ୍ୟୋତିଷ ଶାସ୍ତ୍ର ଗବେଷଣା ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ମାନ ଲାଭ କରିବା ପରେ ଆନନ୍ଦପୁରବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ଘର ଆନନ୍ଦପୁର ୪ ନମ୍ବର ୱାର୍ଡରେ ହୋଇଥିବା ବେଳେ ନିଜ ଜ୍ୟୋତିଷ ବିଦ୍ୟା ପାଇଁ ରାଜ୍ୟ ଏବଂ ଦେଶରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

## ବର୍ଷା ପାଇଁ ବେଙ୍ଗ-ବେଙ୍ଗୁଲୀ ବାହାଘର

### ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବାକୁ ନିଆରା ପରମ୍ପରା

ପାଟଣା,୧୭।୭(ବୀରକିଶୋର ଦାଶ)



କଳସରେ ବେଙ୍ଗ ବେଙ୍ଗୁଲୀ ରଖି ପୂଜା କରାଯାଉଛି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷକାର୍ଯ୍ୟ ଆଗେଇପାରୁନାହିଁ। ଆଷାଢ଼ ସରିବାକୁ ବସିଲାଣି ଶାରଦ ଜଳ ଜମି ଏବେ ବି ଶୁଖିଲା ପଡ଼ିଛି। ବିଲରେ କେଉଁଠି ଧାନତଳି ବୁଢ଼ା ହେଲାଣି ତ କେଉଁଠି ଅଭାବୀ ବୃଷ୍ଟିପାତରୁ ତଳି ମରିଗଲାଣି। ଏଭଳି ସ୍ଥଳେ ଚାଷୀକୁଳ ହତାଶ ହୋଇ ବେଙ୍ଗ-ବେଙ୍ଗୁଲୀ ବାହାଘର କରି ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ ପାଇଁ ପୂଜା କରୁଛନ୍ତି। ଏଭଳି ନିଆରା ପରମ୍ପରା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମରେ। ସୂଚନା ଅନୁଯାୟୀ, ଗ୍ରାମବାସୀ ବର୍ଷା ପାଇଁ ଗ୍ରାମରେ ପୋଥି ବସାଇ ବୁଧବାର ଇନ୍ଦ୍ର ଯଜ୍ଞ କରିଥିଲେ। ପରେ ବେଙ୍ଗ-ବେଙ୍ଗୁଲୀ ବାହାଘର କରାଇଛନ୍ତି। ଲୋକଙ୍କ ବିଶ୍ୱାସ ରହିଛି ଏଭଳି କଲେ ଇନ୍ଦ୍ରଦେବ ସନ୍ତୁଷ୍ଟ ହେବା ସହ ଭଲ ବୃଷ୍ଟିପାତ ହେବ। ଏ ନେଇ ଗୋଡ଼ିପୋଖରୀ ଗାଁରେ ଥିବା ଠାକୁରାଣୀ ଶାଳରେ ପ୍ରଥମେ ଗ୍ରାମଦେବତୀଙ୍କୁ ଦେହୁରୀ ପୂଜା ଅର୍ଚ୍ଚନା କରିଥିଲେ। ପରେ ମହିଳାମାନେ ଭଜନ କୀର୍ତ୍ତନକରି ଗ୍ରାମ ଦେବତୀଙ୍କ ନିକଟରେ ପୂଜାକରି ଶାଳରେ ଦେହୁରୀଙ୍କୁ ଗାଧୋଇ ଦେଇଥିଲେ। ପରେ ଏକ କଳସରେ ବେଙ୍ଗ, ବେଙ୍ଗୁଲୀଙ୍କୁ ନେଇ ଗାଁ ପରିକ୍ରମା କରିଥିଲେ। ଗାଁ ମୁଣ୍ଡରେ ଚାଲିଥିବା ପୂଜା ନିକଟକୁ ଯାଇ ବେଙ୍ଗ ଆଉ ବେଙ୍ଗୁଲୀ ବାହାଘର କରିଥିଲେ। ସାଧାରଣ ବାହାଘର ଭଳି ବେଙ୍ଗବେଙ୍ଗୁଲୀଙ୍କୁ ସିନ୍ଦୂର ପିନ୍ଧାଇଥିଲେ। ପରେ ଗାଁରେ ଭଜନ କୀର୍ତ୍ତନ କରିବା ସହ ନାଚଗୀତରେ ମସ୍‌ଗୁଲ ହୋଇ ବେଙ୍ଗ ବେଙ୍ଗୁଲୀଙ୍କୁ ମହିଳାମାନେ ଘରକୁ ଘର ବୁଲାଇଥିଲେ। ପରେ ବେଙ୍ଗ ବେଙ୍ଗୁଲୀଙ୍କୁ ନିକଟସ୍ଥ ପୋଖରୀରେ ବିସର୍ଜନକରି ଇନ୍ଦ୍ରଦେବତାଙ୍କ ନିକଟରେ ବର୍ଷାହେବାକୁ ସାମୂହିକ ପ୍ରାର୍ଥନା କରିଥିଲେ। ବାହାଘର ଗ୍ରାମର ମୁରବି କହ୍ନେଇ ଚରଣ ନାଏକ, ପ୍ରେମାନନ୍ଦ ମହାନ୍ତ, ବେଣୁଧର ନାଏକ, ରବୀନ୍ଦ୍ର ନାଏକ, ତ୍ରିଲୋଚନ ନାଏକ, ରାସ ବିହାରୀ ନାଏକ, କୃଷ୍ଣଚନ୍ଦ୍ର ମହାନ୍ତ, ବିଭୀଷଣ ମହାନ୍ତ, ଆନନ୍ଦ ନାଏକ, ଉପେନ୍ଦ୍ର ନାଏକ, ଚିନ୍ତାମଣି ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି।

## ଜବରଦଖଲରେ ସଂରକ୍ଷିତ ଜଙ୍ଗଲ ଜମି

### ପ୍ରହସନ ପାଲଟିଛି ବନ ମହୋତ୍ସବ କାର୍ଯ୍ୟକ୍ରମ

ବୈଶିଙ୍ଗା,୧୭।୭(ରତନ ଦାଶ)

ପରିବେଶ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। ନୂତନ ଜଙ୍ଗଲ ସୃଷ୍ଟି କରିବା, ଧ୍ୱଂସ ତଥା ଅବହେଳିତ ଜଙ୍ଗଲକୁ ରକ୍ଷାକରିବା, ଖାଲି ପଡିଥିବା ଜଙ୍ଗଲ ଜମିରେ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରାଯିବାପାଇଁ ଚଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଲୋକ ଦେଖାଣିଆ ବୋଲି ଅଭିଯୋଗ ହୋଇଛି। କେତେଜଣ ମାଫିଆ ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେଇ ସେଥିରେ ଅଟ୍ଟାଳିକା, ପାର୍କ ଆଦି ତିଆରି କରିଛନ୍ତି। ବୈଶିଙ୍ଗା ବନାଞ୍ଚଳ ଅଧୀନରେ ଥିବା ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ଏଭଳି ବେଆଇନ କାର୍ଯ୍ୟ କରାଯାଇଛି। ଏନେଇ ସେହି ଗ୍ରାମର ଶତାଧିକ ଗ୍ରାମବାସୀ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୟୂରଭଞ୍ଜ ଜିଲା ବନଖଣ୍ଡ ଅଧିକାରୀ ଓ ବେତନଟୀ ରେଞ୍ଜ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ମୌଜାରେ ଜଣେ ବ୍ୟକ୍ତି ପ୍ରାୟ ୧ ଏକରରୁ ଅଧିକ ଜମି ବେଆଇନ ଭାବେ ଦଖଲ କରିବା ସହିତ ଉକ୍ତ ଜମିରେ ସ୍ଥାୟୀ ନିର୍ମାଣ ସାଙ୍ଗକୁ ପାର୍କ ତିଆରି କରି ପାର୍ଶ୍ୱରେ ଥିବା ଏକ ନାମୀଦାମୀ ହୋଟେଲକୁ ଭଡା ସୂତ୍ରରେ ଦେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତେବେ ଏହି ହୋଟେଲ ପରିବେଶ ବିଭାଗଠାରୁ ଅନୁମତି ପତ୍ର ପାଇଛି କି ନାହିଁ ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। ଏହାକୁ ନେଇ ସ୍ଥାନୀୟ ପୋଲିସ ପ୍ରଶାସନର ନିରବତା ସନ୍ଦେହ ଘେରରେ।

ସେହିପରି ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ଜବରଦଖଲକାରୀମାନେ ଗଛ କାଟିନେଇ ଜନବସତି ସୃଷ୍ଟି କରିଛନ୍ତି। ବୈଶିଙ୍ଗା ବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରରେ ବହୁ ପୁରାତନ ଗଛ କାଟିନେଇ ରାସ୍ତା ତିଆରି କରି ଚାଷଜମିକୁ ପ୍ଲଟିଙ୍ଗ କରି ଗୃହ ନିର୍ମାଣ ପାଇଁ ଉଚ୍ଚ ଦରରେ ବିକ୍ରୀ କରୁଛନ୍ତି। ଅଭିଯୋଗ ସମ୍ପର୍କରେ ବେତନଟୀ ରେଞ୍ଜ ଅଧିକାରୀ ମନୱର ଖାଁଙ୍କ ମତାମତ ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ଡିଏଫଓ ଏ ଉମା ମହେଶଙ୍କୁ ପଚାରିବାରୁ ଅଭିଯୋଗ ପାଇଛନ୍ତି ଏବଂ ଏସିଏଫଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

